# Telephone Conversation between PM and the President of United States of America

04 April, 2020

# ପ୍ରଧାନମନ୍ତ୍ରୀ ଏବଂ ଯୁକ୍ତରାଷ୍ଟ୍ର ଆମେରିକା ରାଷ୍ଟ୍ରପତିଙ୍କ ମଧ୍ୟରେ ଟେଲିଫୋନ୍ ବାର୍ତ୍ତାଳାପ

ଏପ୍ରିଲ 04, 2020

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଆମେରିକାର ରାଷ୍ଟ୍ରପତି ମାନ୍ୟବର ଡୋନାଲ୍ଡ ଟ୍ରମ୍ପଙ୍କ ସହ ଟେଲିଫୋନ୍ ବାର୍ତ୍ତାଳାପ କରିଛନ୍ତି। ଜାରି ରହିଥିବା କୋଭିଡ -19 ମହାମାରୀ ଏବଂ ବିଶ୍ୱ କଲ୍ୟାଣ ତଥା ଅର୍ଥନୀତି ଉପରେ ଏହାର ପ୍ରଭାବ ଉପରେ ଦୁଇ ନେତା ବିଚାର ବିମର୍ଶ କରିଥିଲେ।

ଯୁକ୍ତରାଷ୍ଟ୍ର ଆମେରିକାରେ ହୋଇଥିବା ଜୀବନ ହାନି ପାଇଁ ପ୍ରଧାନମନ୍ତ୍ରୀ ଗଭୀର ସମବେଦନା ଜଣାଇବା ସହ ଏ ରୋଗରେ ପୀଡିତ ବ୍ୟକ୍ତିଙ୍କ ଶୀଘ୍ର ଆରୋଗ୍ୟ ପ୍ରାର୍ଥନା କରିଥିଲେ।

ଦୁଇ ଦେଶ ମଧ୍ୟରେ ଥିବା ବିଶେଷ ସମ୍ପର୍କ ଉପରେ ଗୁରୁତ୍ୱ ପ୍ରଦାନ କରି ପ୍ରଧାନମନ୍ତ୍ରୀ ଏ ବିଶ୍ୱ ସଙ୍କଟକୁ ଦୂର କରିବାରେ ଆମେରିକା ସହ ଭାରତର ଏକତାକୁ ଦୋହରାଇଛନ୍ତି । କୋଭିଡ -19 କୁ ସମ୍ପୂର୍ଣ୍ଣ ଏବଂ ପ୍ରଭାବଶାଳୀ ଭାବରେ ମୁକାବିଲା କରିବା ପାଇଁ ଦୁଇ ନେତା ଭାରତ – ଆମେରିକା ଭାଗିଦାରୀର ସମ୍ପୂର୍ଣ୍ଣ ଶକ୍ତି ପ୍ରୟୋଗ କରିବାକୁ ସହମତ ହୋଇଥିଲେ ।

ମହାମାରୀର ସ୍ୱାସ୍ଥ୍ୟ ଏବଂ ଆର୍ଥିକ ପ୍ରଭାବକୁ ହ୍ରାସ କରିବା ପାଇଁ ପ୍ରତ୍ୟେକ ଦେଶରେ ନିଆଯାଇଥିବା ପଦକ୍ଷେପ ଉପରେ ପ୍ରଧାନମନ୍ତ୍ରୀ ଏବଂ ଆମେରିକା ରାଷ୍ଟ୍ରପତି ମତ ବିନିମୟ କରିଥିଲେ।

ଏହି କଷ୍ଟ ସମୟରେ ଶାରୀରିକ ଏବଂ ମାନସିକ ସୁସ୍ଥତାକୁ ସୁନିଶ୍ଚିତ କରିବା ପାଇଁ ଯୋଗ ଏବଂ ଆୟୁର୍ବେଦ (ପାରମ୍ପାରିକ ଭାରତୀୟ ଔଷଧ ପଦ୍ଧତି) ଭଳି ଅଭ୍ୟାସଗୁଡ଼ିକର ଗୁରୁତ୍ୱ ଉପରେ ମଧ୍ୟ ଦୁଇ ନେତା ଆଲୋଚନା କରିଥିଲେ ।

ବିଶ୍ୱବ୍ୟାପୀ କୋଭିଡ୍ -19 ସଙ୍କଟକୁ ନେଇ ସେମାନଙ୍କ ଅଧିକାରୀମାନେ ଘନିଷ୍ଠ ସମ୍ପର୍କରେ ରହିବେ ବୋଲି ସେମାନେ ସହମତ ହୋଇଥିଲେ।

**ନୂଆ ଦିଲ୍ଲୀ**
**ଏପ୍ରିଲ** 04, 2020

DISCLAIMER : This is an approximate translation. The original is available in English on MEA's website and may be referred to as the official press release.